
# ବୈଷ୍ଣବ ଚରଣ ସାମଲ ପାଇବେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର'

ଭୁବନେଶ୍ୱର, ୧୮।୧୨(ବନ୍ଦନା ସେଠୀ)

ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ୨୦୨୪ ବର୍ଷ ପାଇଁ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ପାଇବାକୁ ମନୋନୀତ ହୋଇଛନ୍ତି। 'ଭୂତି ଭକ୍ତି ବିଭୂତି' ପ୍ରବନ୍ଧ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏନେଇ ବୁଧବାର କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା କରାଯାଇଛି। ପୁରସ୍କାର ବାବଦରେ ତାଙ୍କୁ ୧ଲକ୍ଷ ଟଙ୍କା ଅର୍ଥରାଶି ଦିଆଯିବ। ଏକାଡେମୀ ପୁରସ୍କାର ପାଇବା ସମ୍ପର୍କରେ ପ୍ରଫେସର ସାମଲ କହିଛନ୍ତି, ପୁରସ୍କାର ପାଇଁ କେବେ ଚିନ୍ତା କରେନି। ତେବେ ପୁରସ୍କାର ପାଇବି ଜାଣିବା ପରେ ଆନନ୍ଦ ଲାଗୁଛି। ଜଗନ୍ନାଥ, ରଥଯାତ୍ରା, ଗୀତା ସମ୍ପର୍କିତ ବିଭିନ୍ନ ତତ୍ତ୍ୱ ଆଦି ବହୁ ଉପାଦେୟ କଥା ଏହି ବହିରେ ଉଲ୍ଲେଖ ରହିଛି। ଜଗନ୍ନାଥଙ୍କ ଗୂଢ଼ ତଥ୍ୟକୁ ସରଳ ଭାଷାରେ ଲୋକାଭିମୁଖୀ କରିବା ହିଁ ଏହି ପ୍ରବନ୍ଧ ରଚନାର ମୂଳ ଉଦ୍ଦେଶ୍ୟ ରହିଛି। ଜଗନ୍ନାଥ ହୁଅନ୍ତୁ ଅବା ଗୀତା, ଭାଗବତ ସବୁକିଛି ମଣିଷକୁ ନେଇ ସୃଷ୍ଟି ହୋଇଛି। ଯଦି ସାହିତ୍ୟରେ ମଣିଷ ନାହିଁ, ତେବେ




ତାହାର କିଛି ମୂଲ୍ୟ ନାହିଁ। ମଣିଷ ପ୍ରତି ଶ୍ରଦ୍ଧା, ସହାନୁଭୂତି ନ ରହିଲେ, ଯେଉଁ ଭୂମିରେ ବାସ କରୁଛେ, ସେଥିପ୍ରତି ମମତା ନ ରହିଲେ କିମ୍ବା ଆମ ସଂସ୍କୃତିକୁ ଛାଡି ବାହାର ସଂସ୍କୃତିକୁ ଧରିଲେ ସାହିତ୍ୟ ଦିଗଭ୍ରଷ୍ଟ ହୋଇଯିବ ବୋଲି ପ୍ରବନ୍ଧରେ ଉଲ୍ଲେଖ ରହିଛି। ୨୦୨୫ ମାର୍ଚ୍ଚ ୮ରେ ଦିଲ୍ଲୀର କମନୀ ☞ ପୃଷ୍ଠା–୪

## ବୈଷ୍ଣବ ଚରଣ ସାମଲ ...

ଅଡିଟୋରିୟମ୍‌ଠାରେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ପ୍ରଦାନ କରାଯିବ। ଚଳିତବର୍ଷ ଏକାଡେମୀ ପକ୍ଷରୁ ମୋଟ୍ ୨୧ଟି ଭାଷା ଯଥା ଅସମିଆ, ବୋଡୋ, ଇଂଲିଶ, ଗୁଜରାଟୀ, ହିନ୍ଦୀ, ଓଡ଼ିଆ, କନ୍ନଡ଼, କଶ୍ମୀରୀ, କୋଙ୍କଣୀ, ମୈଥିଳି, ମାଲୟାଲମ୍, ମଣିପୁରୀ, ମରାଠୀ, ନେପାଳୀ, ପଞ୍ଜାବୀ, ରାଜସ୍ଥାନୀ, ସଂସ୍କୃତ, ସାନ୍ତାଳୀ, ସିନ୍ଧି, ତାମିଲ ଏବଂ ତେଲୁଗୁରେ ପୁରସ୍କାର ଘୋଷଣା କରାଯାଇଛି। ଏଥିମଧ୍ୟରେ ୮ଟି କବିତା ପୁସ୍ତକ, ୩ଟି ଉପନ୍ୟାସ, ୨ଟି କ୍ଷୁଦ୍ରଗଳ୍ପ, ୩ଟି ପ୍ରବନ୍ଧ, ୩ଟି ଲିଟେରାରୀ କ୍ରିଟିସିଜମ୍, ଗୋଟିଏ ଲେଖାଏ ନାଟକ ଏବଂ ରିସର୍ଚ୍ଚ ରହିଛି। ପରବର୍ତ୍ତୀ ସମୟରେ ବଙ୍ଗଳା, ଡୋଗ୍ରୀ ଏବଂ ଉର୍ଦ୍ଦୁ ଭାଷାରେ ପୁରସ୍କାର ଘୋଷଣା କରାଯିବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ପୁରସ୍କାର ପାଇଁ ଆଞ୍ଚଳିକ ଭାଷା ଓଡ଼ିଆରେ ପ୍ରଫେସର ସାମଲଙ୍କ ସମେତ ଦାଶ ବେନହୁର, ଅନ୍ତର୍ଯ୍ୟାମୀ ମିଶ୍ର, ଆଦିକନ୍ଦ ସାହୁ, ରଞ୍ଜନ କୁମାର ଦାସ, ଗିରିଜା କୁମାର ବଳିୟାରସିଂହ, ମମତା ମିଶ୍ର, ଅପର୍ଣ୍ଣା ମହାନ୍ତି, ସବିତା ପ୍ରଧାନ, ବିରଜା ରାଉତରାୟ, ପଙ୍କଜ ପାଳ, ଅଜୟ ସ୍ୱାଇଁ, ବିଜୟ ଶତପଥୀ ଓ କୃପାସାଗର ସାହୁଙ୍କ ପୁସ୍ତକ ମନୋନୟନର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲା। ବିଚାରକ ଭାବେ ଦେବଦାସ ଛୋଟରାୟ, ଶାନ୍ତନୁ କୁମାର ଆଚାର୍ଯ୍ୟ ଏବଂ ପାରମିତା ଶତପଥୀ ରହିଥିଲେ।


ବୈଷ୍ଣବ ଚରଣ ସାମଲ

ପ୍ରଫେସର ସାମଲ ୧୯୩୯ ଫେବୃଆରୀ ୨୭ରେ ଅବିଭକ୍ତ କଟକ ଜିଲା ଓ ବର୍ତ୍ତମାନର କେନ୍ଦ୍ରାପଡ଼ା ଜିଲା କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ତାରିଗାଁଠାରେ ଜନ୍ମ ଗ୍ରହଣ କରିଥିଲେ। ପିଲାଟି ଦିନରୁ ସେ ମାଟି–ମାନବ–ସଂସ୍କୃତି ମନସ୍କ। ଏମ୍.ଏ.ରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ୧୯୬୬ରେ ଫକୀରମୋହନ ମହାବିଦ୍ୟାଳୟରୁ ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ସରକାରୀ ବୃତ୍ତିରୁ ବିଦାୟ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ପଶ୍ଚିମବଙ୍ଗ ଶାନ୍ତିନିକେତନଠାରେ ଅବସ୍ଥାପିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ କାର୍ଯ୍ୟକରି ୨୦୦୪ରେ ଅବସର ନେଇଥିଲେ। ଏଯାବତ୍ ସେ ପ୍ରାୟ ୧୨୦ଖଣ୍ଡ ପୁସ୍ତକ ରଚନା କରିଛନ୍ତି। 'ଓଡ଼ିଆ ସାହିତ୍ୟର ଇତିହାସ', 'ଓଡ଼ିଆ ଗଳ୍ପର ଇତିବୃତ୍ତ', 'ଓଡ଼ିଆ ଗଳ୍ପ: ଉନ୍ମେଷ ଓ ଉତ୍ତରଣ', 'ସମୀକ୍ଷାଲୋକ' ଭଳି ଅନେକ ସମୀକ୍ଷା ପୁସ୍ତକ ସହିତ କବିତା, ଶିଶୁ ସାହିତ୍ୟ, ଧର୍ମସାହିତ୍ୟ, ଗ୍ରନ୍ଥ ସମ୍ପାଦନା ତାଙ୍କ ସାରସ୍ୱତ ପ୍ରତିଭା ଓ ବ୍ୟକ୍ତିତ୍ୱର ନିଦର୍ଶନ। 'ଜଣେ ବଣା ବାଟୋଇର କାହାଣୀ' ପ୍ରଫେସର ସାମଲଙ୍କର ଆତ୍ମଜୀବନୀ ଗ୍ରନ୍ଥ। ସାହିତ୍ୟ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ ସେ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୨୦୦୨ରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୧୬ରେ ବିଷୁବ ପୁରସ୍କାର ଓ ୨୦୧୪ରେ ସାରଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାବ୍ୟତୀତ ସେ 'ଗୋପୀନାଥ ନନ୍ଦ ପ୍ରବନ୍ଧ ଓ ସମାଲୋଚନା ସମ୍ମାନ' ଓ 'କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ପୁରସ୍କାର' ଆଦି ସମ୍ମାନରେ ସମ୍ମାନିତ ହୋଇଛନ୍ତି।